# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ସ୍ଲମ୍ ସେଟଲ୍‌ମେଂଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୭.୧୦.୨୦୨୨ ରିଖ

ସମୟ-ଅପରାହ୍ନ ଘ.୪.୦୦ ଟିକା
ସ୍ଥାନ- ନିଗମ ସଭାକକ୍ଷ "ଏକାମ୍ର"

ଉପସ୍ଥିତ ସଭ୍ୟ/ସଭ୍ୟା:-
୧. ଶ୍ରୀମତୀ ମହାମାୟା ସ୍ୱାଇଁ, ଚେୟାର୍‌ପରସନ୍,
୨. ଶ୍ରୀମତୀ ସ୍ମୃତିଶିଖା ବରିସଲ,
୩. ଶ୍ରୀ ଅଜିତ୍ ବେହେରା,
୪. ସକିବା ମୁଶରତ୍,
୫. ଶ୍ରୀ ଆଶିଷ କୁମାର ପଟ୍ଟନାୟକ,
୬. ପୂଜା ବେହେରା

ଅଦ୍ୟ ତା ୧୭.୧୦.୨୦୨୨ ରିଖ ଅପରାହ୍ନ ଘ. ୪.୦୦ ଟିକା ସମୟରେ ନିଗମ ସଭାକକ୍ଷ "ଏକାମ୍ର" ରେ ଭୁବନେଶ୍ୱର ମହାନଗର ନିଗମର ସ୍ଲମ୍ ସେଟଲ୍‌ମେଂଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀମତୀ ମହାମାୟା ସ୍ୱାଇଁ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମର ୱାର୍ଡ଼ ନଂ-୧୬,୨୦,୨୧ ଓ ୨୬ ର ସୀମା ବିବାଦ ଯୋଗୁଁ ଜାଗା ମିଶନ୍ କାର୍ଯ୍ୟ ଗୁଡ଼ିକ ସମ୍ପାଦନ ହୋଇନପାରିବାରୁ ଗତ ତା ୧୬.୦୯.୨୦୨୨ ରିଖରେ ଉତର ଜୋନ୍‌ର ଉପ ଆୟୁକ୍ତ, ସମ୍ପୃକ୍ତ ୱାର୍ଡ଼ କର୍ପୋରେଟର, ZCO, ଜାଗା ମିଶନ୍‌ର Project Manager ଓ ଅମିନଙ୍କୁ ବିବାଦ ସମାଧାନ କରିବା ପାଇଁ ଦାୟିତ୍ୱ ଦିଆଯାଇଥିଲା, କିନ୍ତୁ ଏହି ସମସ୍ୟାର ସମାଧାନ ହୋଇପାରି ନଥିବାରୁ କର୍ପୋରେଟର ମାନଙ୍କ ମତାମତକୁ ଭିତିକରି ପୂର୍ବ କର୍ପୋରେସନରେ କାର୍ଯ୍ୟ କରୁଥିବା ଗୋଷ୍ଠୀ ସଙ୍ଗଠିକା, ଅମିନ ଓ ଉତର ଜୋନ୍‌ର ଉପ ଆୟୁକ୍ତ ଏହାର ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଖୋଲା ସ୍ଥାନରେ ମଳତ୍ୟାଗ ନକରିବା ପାଇଁ Individual House Hold Latrine (IHHL) ଯୋଜନାରେ latrine ପାଇଁ ଯେଉଁମାନେ ଆବେଦନ କରିଛନ୍ତି ସେଗୁଡ଼ିକୁ ସର୍ଭେ କରାଯାଇ ଉପଯୁକ୍ତ ଆବେଦନକାରୀଙ୍କୁ କାର୍ଯ୍ୟାଦେଶ ଦେବାପାଇଁ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଥିବା ବସ୍ତି ଗୁଡ଼ିକ ମଧ୍ୟରୁ କେଉଁ ବସ୍ତିରେ କେତେ ଲୋକଙ୍କୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଅଛି ତାହାର ତଥ୍ୟ ସହିତ ନଗର ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀ ବିଦ୍ୟୁତ୍ ଆସନ୍ତା ମାସ ବୈଠକରେ ଉପସ୍ଥିତ ରହିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ଭୁବନେଶ୍ୱର ମହାନଗର ନିଗମାଂଚଳରେ ବସବାସ କରୁଥିବା ବସ୍ତିବାସିନ୍ଦା ମାନଙ୍କୁ ୨୦୧୩ ମସିହାରେ ରାଜିବ ଆବାସ ଯୋଜନାରେ ସର୍ଭେ ହୋଇଥିଲା, ସର୍ଭେ ଲିଷ୍ଟ୍ ବ୍ୟତୀତ ଏବେ ସେଠାରେ ଆଉ ଅଧିକ ଲୋକ ବସବାସ କରୁଛନ୍ତି । ରାଜିବ ଆବାସ ଯୋଜନା ଅନୁଯାୟୀ ହାଉସିଂ ପ୍ରୋଜେକ୍ଟ କରାଯାଇ ଥଇଥାନ କରାଗଲେ ସେଠାରେ ଅବଶିଷ୍ଟ ବସ୍ତିବାସିନ୍ଦା ରହିଯିବେ ଓ ଖାଲି ହୋଇଥିବା ସ୍ଥାନରେ ପୁନଃବାର ବସ୍ତି ବଢ଼ିଚାଲିବ, ତେଣୁ ସେଠାରେ ବସବାସ କରୁଥିବା ସମସ୍ତ ବସ୍ତିବାସିନ୍ଦା କିପରି ଥଇଥାନ ହୋଇପାରିବେ ସେ ବିଷୟରେ କର୍ପୋରେସନରେ ଆଲୋଚନା କରାଯାଇ ନିଷ୍ପତି ନେବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୫.୪୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ମହାମାୟା ସ୍ୱାଇଁ
ସଭାପତି
ତା ୧୭.୧୦.୨୦୨୨ ରିଖ